# NATIONAL NEWS BULLETIN (ODIA)

## 6 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- କୃଷି ଏବଂ ଗ୍ରାମାଞ୍ଚଳ ପରିବର୍ତ୍ତନ ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଆଜି ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳ ନିଯୁକ୍ତ କଲେ ରାଷ୍ଟ୍ରପତି ।
- ଓଡ଼ିଶା ଗସ୍ତରେ ଆସି ଆଜି ୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦେଶ ବ୍ୟାପି ଆଜିଠାରୁ ଆରମ୍ଭ ହେବ ଭିବିଜି ରାମଜୀ ଯୁବ ଡିଜିଟାଲ୍ ଅଭିଯାନ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଇଂଲଣ୍ଡକୁ ୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

# ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଜି ସକାଳେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରିବେ । କୃଷି ଏବଂ ଗ୍ରାମାଞ୍ଚଳ ପରିବର୍ତ୍ତନ ପ୍ରସଙ୍ଗ ଉପରେ ଏହି ୱେବିନାର ଆୟୋଜିତ ହେଉଛି । କୃଷି, ପଶୁପାଳନ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟପାଳନ ଏବଂ ଗ୍ରାମୀଣ ଜୀବିକା କ୍ଷେତ୍ର ଆଧାରରେ ଏହି ୱେବିନାରରେ ୮ଟି ଭିନ୍ନ ଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । କାଜୁ, ନଡ଼ିଆ, ଚନ୍ଦନକାଠ, ଅଗରକାଠ, ବାଦାମ ଓ ବାଦାମ ଭଳି ଫସଲ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ହେଉଛି ଏହି ୱେବିନାରର ଅନ୍ୟତମ ଉଦ୍ଦେଶ୍ୟ । ଏଥିରେ ଭାରତ ବିସ୍ତାର ଯୋଜନା ଅଧୀନରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯିବ ।  ବିଶେଷ କରି ସମନ୍ୱିତ କୃଷି କାର୍ଯ୍ୟକ୍ରମ ତଥା ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଚାଷ ବୃଦ୍ଧି କିଭଳି ଭାବେ ସ୍ୱୟଂ ସହାୟକ ଉଦ୍ୟୋଗ ଜରିଆରେ ମହିଳାମାନେ ସଶକ୍ତ ହୋଇଛନ୍ତି, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯିବ ।

କୃତ୍ରିମ ବୁଦ୍ଧିମତା ଆଧାରିତ କୃଷି କ୍ଷେତ୍ରରେ ଭିତ୍ତିଭୂମି ଏବଂ ବ୍ୟାପକତାକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ମଧ୍ୟ ୱେବିନାରରେ ଆଲୋଚନା ହେବାର ସମ୍ଭାବନା ରହିଛି ।

# ଗଭର୍ଣ୍ଣର-ଆପଏଣ୍ଟମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ରାଜ୍ୟପାଳ ନିଯୁକ୍ତି କରିଛନ୍ତି । ହିମାଚଳ ପ୍ରଦେଶର ରାଜ୍ୟପାଳ ଶିବପ୍ରତାପ ଶୁକ୍ଲା ତେଲଙ୍ଗାନାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ବେଳେ, ତେଲଙ୍ଗାନାର ରାଜ୍ୟପାଳ ଜିଷ୍ଣୁଦେବ ବର୍ମା ମହାରାଷ୍ଟ୍ର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି । ବିହାର ବିଧାନସଭାର ପୂର୍ବତନ ବାଚସ୍ପତି ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍  ସୟଦ ଅତା ହସ୍‌ନେନ୍‌ଙ୍କୁ ବିହାରର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ ତାମିଲନାଡୁର ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍‌ଲେକର ତାମିଲନାଡୁର ରାଜ୍ୟପାଳ ଦାୟିତ୍ୱ ତୁଲାଇବେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପଶ୍ଚିମବଙ୍ଗ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି । ଲଦାଖର ଉପରାଜ୍ୟପାଳ କବିନ୍ଦର ଗୁପ୍ତାଙ୍କୁ ହିମାଚଳପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକସେନାଙ୍କୁ ଲଦାଖର ଉପରାଜ୍ୟପାଳ ଏବଂ ପୂର୍ବତନ କୂଟନୀତିଜ୍ଞ ତରଣଜିତ ସିଂହ ସାନ୍ଧୁଙ୍କୁ ଦିଲ୍ଲୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି ।

# ଶାହା-ଓଡ଼ିଶା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶାରେ ଇଫ୍‌କୋର ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ ଦ୍ୱାରା ପାରାଦ୍ୱୀପ ୟୁନିଟ୍‌ରେ ଏହି ପ୍ଲାଣ୍ଟକୁ ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର୍ ସେ ସମୃଦ୍ଧି' ଦୃଷ୍ଟିକୋଣକୁ ଅଧିକ ଗତିଶୀଳ କରିବା ଏହି ପ୍ଲାଣ୍ଟ ସ୍ଥାପନର ଅନ୍ୟତମ ଉଦ୍ଦେଶ୍ୟ । ଆଜି ଓଡ଼ିଶା ଗସ୍ତରେ ଆସି ଶ୍ରୀ ଶାହା ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ କେତେକ ସମବାୟ କ୍ଷେତ୍ର ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିବେ । ରାଜ୍ୟ ସମବାୟ ନୀତିର ପ୍ରକାଶନ, ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ବିଦ୍ୟାଳୟ ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ଓ ବଡ଼ମ୍ବା ତିନି ଶିଳ୍ପର ପୁନରୁଦ୍ଧାର ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରାଥମିକ୍ କୃଷି କ୍ରେଡିଟ୍ ସୋସାଇଟି ପାକ୍ସ ଏବଂ ବୃହତ୍ କ୍ଷେତ୍ର ବହୁମୁଖୀ ସମାଜ ଲାମ୍ପ୍ସ ଦ୍ୱାରା ପରିଚାଳିତ ୧ ହଜାର ୫୬୭ ସାଧାରଣ ସେବା କେନ୍ଦ୍ରକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟସୂଚୀ ରହିଛି । ଦୁଗ୍ଧ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ସହିତ ଜଡ଼ିତ ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଏହି ଗସ୍ତ ଅବସରରେ ଆଲୋକପାତ କରାଯିବାର କାର୍ଯ୍ୟସୂଚୀ ରହିଛି । ୧ହଜାର ୧୫୯ କୋଟି ଟଙ୍କା ମୂଲ୍ୟର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨ ହଜାର

୧୧୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୩୦ଟି ପ୍ରକଳ୍ପର ଶ୍ରୀ ଶାହା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଶାହା ଆଜି ମୁଣ୍ଡଳୀଠାରେ ସି.ଆଇ.ଏସ୍.ଏଫ୍.ର ୫୭ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସି.ଆଇ.ଏସ୍.ଏଫ୍. ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ଭିବିଜି ରାମ ଜି-କ୍ୟାମ୍ପେନ୍

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମାଇ ଭାରତ ସହଯୋଗରେ ଆଜିଠାରୁ ଭିବିଜି ରାମ୍ ଜି ଯୁବ ଡିଜିଟାଲ୍ ଅଭିଯାନ ଶୀର୍ଷକ ଏକ ଦେଶ ବ୍ୟାପି ଡିଜିଟାଲ୍ ଅଭିଯାନ ଆରମ୍ଭ କରିବ । ଏହି ଅଭିଯାନ ଉଦ୍ଦେଶ୍ୟ ହେଉଛି – ବିକଶିତ ଭାରତ ଗ୍ରାମୀଣ ନିଯୁକ୍ତି ଓ ଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଆଇନ୍ ୨୦୨୫ ବିଷୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା । ଏହି ଅଭିଯାନରେ ଯୁବପିଢ଼ିଙ୍କୁ  ବିଭିନ୍ନ କୁଇଜ୍ ଏବଂ ସୃଜନଶୀଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଇ ଏହାକୁ ଏକ ଡିଜିଟାଲ୍ ଗଣଆନ୍ଦୋଳନରେ ପରିଣତ କରାଯିବ ।

ଅଭିଯାନ ଅଂଶସ୍ୱରୂପ ୧୫ରୁ ୨୯ ବର୍ଷ ବୟସ ବର୍ଗର ଯୁବକମାନଙ୍କ ପାଇଁ ଆଜିଠାରୁ ମୋ ଗାଁ ପାଇଁ ୬୦ ସେକେଣ୍ଡ ଶୀର୍ଷକ ଏକ ଜାତୀୟ ସ୍ତରୀୟ କ୍ଷୁଦ୍ର ଭିଡ଼ିଓ, ରିଲ୍ସ କିମ୍ବା ଆନିମେଟେଡ୍ ଭିଡ଼ିଓ ପ୍ରତିଯୋଗିତା

ଆରମ୍ଭ କରାଯିବ । ସୃଜନଶୀଳତା, ମୌଳିକତା, ବୈଷୟିକ ଗୁଣବତ୍ତା ଏବଂ ପ୍ରାସଙ୍ଗିକତା ଆଧାରରେ ବିଜେତାମାନଙ୍କୁ ଚୟନ କରାଯାଇ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରାଯିବ । ମାଇ ଭାରତ ପୋର୍ଟାଲ୍‌ରେ ଯୁବକମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି ।

## ପିଏମ୍-ନ୍ୟୁ ମେଟ୍ରୋ କରିଡ଼ର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ଦିନ ନୂଆଦିଲ୍ଲୀରେ ୨ଟି ନୂଆ ମେଟ୍ରୋ କରିଡ଼ର ଉଦ୍‌ଘାଟନ କରିବା ସହ ତିନୋଟି ଅତିରିକ୍ତ କରିଡ଼ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଗଣମାଧ୍ୟମକୁ ସମ୍ବୋଧିତ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ଅବସରରେ ମଜଲିସ୍ ପାର୍କରୁ ମୌଜପୁର-ବାବରପୁର ଖଣ୍ଡର ପିଙ୍କ୍ ଲାଇନ୍ ଏବଂ ଦୀପାଳି ଚୌକ୍‌ରୁ ମଜଲିସ୍ ପାର୍କ ଖଣ୍ଡ ପର୍ଯ୍ୟନ୍ତ ଦିଲ୍ଲୀ ମେଟ୍ରୋର ମାଗ୍‌ନେଟା ଲାଇନ୍‌କୁ ଉଦ୍‌ଘାଟନ କରିବେ । ସେ କହିଛନ୍ତି, ଏହି ପ୍ରକଳ୍ପରେ ୧୮ ହଜାର ୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଶ୍ରୀମତୀ ଗୁପ୍ତା କହିଛନ୍ତି, ୧୨ ଦଶମିକ୍ ୩ କିଲୋମିଟର ଦୀର୍ଘ ମଜଲିସ୍ ପାର୍କ-ମୌଜପୁର-ବାବରପୁର ଖଣ୍ଡରେ ୮ଟି ଷ୍ଟେସନ୍ ରହିଛି । ଏହାଛଡ଼ା ପିଙ୍କ୍ ଲାଇନ୍ ୭୧ କିଲୋମିଟରରୁ ଅଧିକ ବ୍ୟାପ୍ତ ହୋଇଛି ।

# ସିବିଏସ୍‌ଇ-ଏକ୍ସାମ୍ କ୍ୟାନ୍‌ସଲ୍‌ଡ

ପଶ୍ଚିମ ଏସିଆ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ଲାଗି ରହିଥିବାରୁ ସେହିସବୁ ଅଞ୍ଚଳରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସି.ବି.ଏସ୍.ଇ. ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାକୁ ଚଳିତ ମାସ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ସୂଚନା ଅନୁଯାୟୀ ଚଳିତ ମାସ ୨, ୫ ଓ ୬ ତାରିଖରେ ଥିବା ପରୀକ୍ଷାକୁ ପୂର୍ବରୁ ବାତିଲ କରାଯାଇଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଥିବା ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ କେଉଁ ଢାଞ୍ଚାରେ ପରୀକ୍ଷାଫଳ ପ୍ରକାଶ କରାଯିବ, ତାହା ସ୍ଥିର କରାଯିବ । ଅନ୍ୟ ପକ୍ଷରେ ସେହିସବୁ ଅଞ୍ଚଳରେ ଆସନ୍ତାକାଲି ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ବାତିଲ କରାଯାଇଛି । ପରିବର୍ତ୍ତିତ ପରୀକ୍ଷା ତାରିଖ ପରେ ଘୋଷଣା କରାଯିବ ବୋଲି ସି.ବି.ଏସ୍.ସି. ସୂଚନା ଦେଇଛି । ଆସନ୍ତାକାଲି ବୋର୍ଡ୍ ପକ୍ଷରୁ ସେଠାକାର ପରିସ୍ଥିତି ସମୀକ୍ଷା କରାଯିବା ପରେ ପରବର୍ତ୍ତି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କୁହାଯାଇଛି ।

# ସିଭିଲ୍ ଆଭିଏସନ୍

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ ଗତକାଲି ୨୮୧ଟି ବିମାନ ଉଡ଼ାଣ ରଦ୍ଦ କରାଯାଇଥିଲା । ମନ୍ତ୍ରଣାଳୟ

ପକ୍ଷରୁ ପଶ୍ଚିମ ଏସିଆ ଅଞ୍ଚଳରେ ଲାଗି ରହିଥିବା ଉତ୍ତେଜନା ମୂଳକ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଯାତ୍ରୀମାନଙ୍କୁ ସର୍ବଶେଷ ସୂଚନା ପ୍ରଦାନ ଲାଗି ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ କାର୍ଯ୍ୟ କରୁଛି । ଏୟାର୍ ସେବା ପୋର୍ଟାଲ୍, ସାମାଜିକ ଗଣମାଧ୍ୟମ ଏବଂ ନିର୍ଦ୍ଧାରିତ ସହାୟତା ନମ୍ବର ଜରିଆରେ ୧ ହଜାର ୪୬୧ଟି ଅଭିଯୋଗର ସମାଧାନ କରାଯାଇଥିବା ମନ୍ତ୍ରଣାଳୟ କହିଛି । ଆବଶ୍ୟକ ସ୍ଥଳେ ଯାତ୍ରୀମାନଙ୍କୁ ସୂଚନା ଦେବା ଲାଗି ୨ଟି ସହାୟତା ନମ୍ବର ଜାରି କରାଯାଇଛି । ସେହି ଦୁଇଟି ନମ୍ବର ହେଉଛି ୦୧୧-୨୪୬୦-୪୨୮୩ ଏବଂ ୨୪୬୩-୨୯୮୭ ।

## ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଭାରତ ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ର ଫାଇନାଲ୍ରେ ପ୍ରବେଶ କରିଛି । ଗତ ରାତିରେ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍ରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ରେ ଇଂଲଣ୍ଡକୁ ୭ ରନ୍ରେ ପରାସ୍ତ କରି ଭାରତକୁ ଏହି ସଫଳତା ମିଳିଛି । ୨୫୪ରନ୍ର ପିଛା କରି ଇଂଲଣ୍ଡ ୨୦ ଓଭରେ ୭ ୱିକେଟ୍ ବିନିମୟରେ ୨୪୬ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ

୨୦ ଓଭରରେ ୭ ୱିକେଟ୍‌ରେ ୨୫୩ରନ୍ ସ୍କୋର କରିଥିଲା । ସଞ୍ଜୁ ସାମସନ୍ ୪୨ଟି ବଲ୍‌ରୁ ୮୯ରନ୍ କରିଥିବା ବେଳେ ଶିବମ ଦୁବେ ୪୩ରନ୍ କରିଥିଲେ । ଆସନ୍ତା ରବିବାର ଦିନ ଗୁଜରାଟର ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭାରତୀୟ କ୍ରିକେଟ୍ ଦଳ ଫାଇନାଲ୍‌କୁ ଉନ୍ନିତ ହେବା ପରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, କଠୋର ଉଦ୍ୟମ ଏବଂ ଧୈର୍ଯ୍ୟ ଯୋଗୁଁ ଦଳକୁ ଏହି ସଫଳତା ମିଳିପାରିଛି । ଫାଇନାଲ୍ ମ୍ୟାଚ୍‌ରେ ଦଳର ସଫଳତା ନେଇ ଶ୍ରୀ ଶାହା ଶୁଭକାମନା ଜଣାଇଛନ୍ତି ।